



# ମଦ ବ୍ୟବସାୟ ବନ୍ଦ କରିବାକୁ ଅଣ୍ଟା ଭିଡିଲେ ମହିଳା



**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲ୍ଲା ଆଳି ଅଞ୍ଚଳରେ ଚୋରାମଦ କାରବାର ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି । ୨ ଦିନ ପୂର୍ବେ ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତ ବଡଆଙ୍କୋ ଗ୍ରାମରେ ଚୋରାମଦ ବ୍ୟବସାୟ ବନ୍ଦ କରିବା ଦାବିରେ ଗ୍ରାମବାସୀ ଆଳି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ବୁଧବାର ଅବକାରୀ ଥାନାର ଏକ ଟିମ୍ ବଡଆଙ୍କୋ ଗ୍ରାମରେ ପହଞ୍ଚି ଚୋରାମଦ ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଗିରଫ କରିବା ସହ ବାଳକାଟିର ୨ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଗୁରୁବାର ଗ୍ରାମର ଶତାଧିକ ମହିଳା ଏକଜୁଟ ହୋଇ ଗ୍ରାମରୁ ସମ୍ପୂର୍ଣ୍ଣ ଭାବେ ମଦ ବ୍ୟବସାୟ ବନ୍ଦ କରିବା ଦାବିରେ ଅଣ୍ଟା ଭିଡିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି, ଗ୍ରାମରେ ଯେଉଁ ଯୁବକ ମଦ ବ୍ୟବସାୟ କରଛନ୍ତି, ସେ ଦିନ ରାତି ସବୁ ସମୟରେ ଖୁଲମ୍ ଖୁଲା ବିକ୍ରି କରୁଛନ୍ତି । ଯେଉଁସ୍ଥାନରେ ମଦ ବିକ୍ରି ହେଉଛି ସେଠାରେ ସ୍କୁଲ, ଗ୍ରାମଦେବତୀ ମନ୍ଦିର ସମେତ ନଳକୂପ ରହିଛି । ଯେଉଁଠିକୁ ସବୁ ସମୟରେ ଗ୍ରାମର ଯୁବତୀ, ମହିଳାମାନଙ୍କ ଭିଡ ଲାଗି ରହେ । ପିଇବା ପାଣି ସଂଗ୍ରହ କରିବା ଓ ମନ୍ଦିର ଦର୍ଶନ କରିବା ନିମନ୍ତେ ମହିଳାମାନେ ମନ୍ଦିର କିମ୍ବା ନଳକୂପ ନିକଟକୁ ଯିବା ବେଳେ ମଦ୍ୟପମାନଙ୍କ ଅଶ୍ଳୀଳ ଆଚରଣ ସେମାନଙ୍କୁ କଷ୍ଟ ଦେଉଛି । ମଦ୍ୟମାନଙ୍କୁ ଦେଖି ସ୍କୁଲ ଛାତ୍ରଛାତ୍ରୀମାନେ ମଧ ଭୟଭୀତ ହୋଇପଡନ୍ତି । ଗ୍ରାମର ଯୁବିପିଢିମାନେ ହାତ ପାହାନ୍ତାରେ ମଦ ପାଇ ପଥଭ୍ରଷ୍ଟ ହେଉଛନ୍ତି । ଦିନ ମଜୁରୀ କରୁଥିବା ଲୋକ ଯାହା ରୋଜଗାର କରୁଛନ୍ତି ସେହି ଟଙ୍କାକୁ ମଦ ପିଇବାରେ ଉଡାଇ ଦେଉଛନ୍ତି । ତେଣୁ ଏହି ଗାଁକୁ ସମ୍ପୂର୍ଣ୍ଣ ଭାବେ ମଦ ବ୍ୟବସାୟ ବନ୍ଦ କରିବା, ସେଥିପ୍ରତି ପ୍ରଶାସନ ସଚେତନ ରହିବା ଆବଶ୍ୟକ ବୋଲି ମହିଳାମାନେ ମତ ପ୍ରକାଶ କରିଛନ୍ତି ।

## କାଳବୈଶାଖୀ ତାଣ୍ଡବ: ଉଡିଲା ସ୍କୁଲ ଛପର, ଛଟପଟ ହୋଇମଲେ ୯ ଗୋରୁ

**ଖଜୁରୀପଡା (ଅମୃତ ମିଡିଆ):** ଖଜୁରିପଡ଼ା ବ୍ଲକ୍ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡ଼ିଯାଇଥିବା ବେଳେ କିଛି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା । ଏହି କାଳବୈଶାଖୀରେ ବ୍ରଜପାତ ହେବା ଯୋଗୁ ଅନେକ ଗାଈଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅରାପାଜୁ ଗ୍ରାମର ମାଟୁଙ୍ଗି ଗାଁରେ ବଜ୍ରପାତରେ ୨ ବଳଦଙ୍କ ମୃତ୍ୟୁ ହୋଇଛି । ସେଇପରି ସସ୍କେଡି ଗାଁରେ ୩ ବଳଦ ଏବଂ ୨ ଗାଈ ଓ ଗଞ୍ଜୁଗୁଡ଼ାରେ ୨ ବଳଦଙ୍କ ମୃତ୍ୟୁ ହୋଇଛି । ଭାଲିଆପଡ଼ା ସ୍କୁଲର ଛପର ଉଡ଼େଇ ନେଇଥିବା ବେଳେ ପିଣ୍ଡାବାଡ଼ି ସ୍କୁଲର ଛାତ ଉପରେ ଆମ୍ବଗଛ ଟଳି ପଡ଼ିଛି । ବିଜୁଳିତାର ଛିଣ୍ଡି ଯିବା ଯୋଗୁ ପୁରା ଅଞ୍ଚଳ ଅନ୍ଧାର ହୋଇଯାଇଛି ।

# ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ



**ଧରାକୋଟ (ଅମୃତ ମିଡିଆ):** ଧରାକୋଟ ବ୍ଲକ ଜଗମୋହନ ଗ୍ରାମ ଡେରା ସାହି ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ସପ୍ତାହେ ବ୍ୟାପୀ ଏହି ଯାତ୍ରା ଡେରା ସାହି ବାସିନ୍ଦାଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପାଳନ ହୋଇଥିଲା । ପଦ୍ମଲାଭ ସାହୁ ଓ ରାନି ସାହୁ କର୍ତ୍ତା ହୋଇଥିଲେ । ଯାତ୍ରା ସଭାପତି ରାଜେନ୍ଦ୍ର ସାହୁ, ଦିଲୀପ ସାହୁ, ଅର୍ଜ୍ଜୁନ ସାହୁ, ଭୂଷଣ ସାହୁ, ବିନୋଦ ସାହୁଙ୍କ ସମେତ ଡେରା ସାହି ବାସିନ୍ଦା ଏଥିରେ ସହଯୋଗ କରିଥିଲେ । ବିଭିନ୍ନ ଦିନରେ ଭଜନ ସମାରୋହ, ନାମ ସଂକୀର୍ତ୍ତନ ଆଦି ହୋଇଥିଲା । ଶେଷରେ ଠାକୁର ମନ୍ଦିର ବିଜେ କରିଥିଲେ ।

# ଅପରେସନ୍ ସିନ୍ଦୂର ସଫଳତାକୁ ନେଇ ଜିଲ୍ଲାରେ ବିଜୟ ଶୋଭାଯାତ୍ରା



**ବ୍ରହ୍ମପୁର (ଅମୃତ ମିଡିଆ):** "ଅପରେସନ୍ ସିନ୍ଦୂର" ସଫଳତା ପରିପ୍ରେକ୍ଷୀରେ ଭାରତୀୟ ସଶସ୍ତ୍ର ବାହିନୀର ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ସକାଶେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା' ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆତଙ୍କବାଦ ବିରୋଧି ଅଭିଯାନ । "ଅପରେସନ୍ ସିନ୍ଦୁର" ର ସଫଳତାକୁ ନେଇ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ତ୍ରିରଙ୍ଗା ପତାକା ଧ୍ୱଜା ଉଡାଇ ଶାନ୍ତିପୂର୍ଣ୍ଣ ଭାବେ ଜନ ସାଧାରଣ ସମ୍ପୂର୍ଣ୍ଣ ସମର୍ଥନ ପୂର୍ବକ ଭାରତୀୟ ବୀର ଜବାନ ମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ସାହସକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରୀତ ହୋଇ ଭାରତ ମାତାକି-ଜୟ ଧ୍ୱନୀରେ ଶୋଭାଯାତ୍ରା ଛତ୍ରପୁର ସହର ପରିକ୍ରମା ପୂର୍ବକ ଆଗକୁ ବଢିଥିଲା । ସକାଳ ୮ ଘଟିକା ସମୟରେ ଛତ୍ରପୁର ପୁତିଗୋପାଳପୁର ଛକ ଠାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ, ଛତ୍ରପୁର ବ୍ଲକ୍ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ରବି ନାରାୟଣ ବେହେରା, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଜନ ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିଗଣ ପ୍ରମୁଖ ଉପସ୍ଥିତ ରହି ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ଅପର ବସ ଷ୍ଟାଣ୍ଡ, ରିକାପଲ୍ଲୀ ଛକ, ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଲୋୟର ବସ୍ ଷ୍ଟାଣ୍ଡ, ପୋଲିସ୍ ପ୍ୟାରେଡ୍ ପଡିଆ ରାସ୍ତା, ଜିଲ୍ଲା ପରିଷଦ ଛକ ଦେଇ ପୁନର୍ବାର ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତା ଦେଇ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ତଥା ନୂଆ ବସ୍ ଷ୍ଟାଣ୍ଡରେ ବିରାଟ ମୋଟର ସାଇକେଲ ପଟୁଆର ଶେଷ ହୋଇଥିଲା ।

# ଡହ ଡହ ଖରାରେ ପାଣି ଟୋପାଏ ପାଇଁ ଡହଳ ବିକଳ ଜନତା





**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ ୮ ବାଦଲ ହାଟିଂ ର ନଳକୂପ, ପାଣିଟାଙ୍କି ଦିର୍ଘଦିନରୁ ବନ୍ଦ୍ ପଡ଼ିଛି । ଏହି ପାଣିଟାଙ୍କି ଉପରେ ପୌରପରିଷଦର ଅସ୍ଥାୟୀ ପରିବା ମାର୍କେଟ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଟ୍ୟାକ୍ସି ଷ୍ଟାଣ୍ଡ ର ଗାଡ଼ି ଚାଳକ ମାନେ ନିର୍ଭର ଶିଳ ତତ୍ ସହିତ ଉଠାଦୋକାନି, ଷ୍ଟାଇ ଦୋକନି, ପଥଚାରି ମାନେ ପାନୀୟ ଜଳ ପାଇଁ ହନ୍ତ ସନ୍ତ ହେଉଛନ୍ତି । ସହର ର ନିକଟବର୍ତ୍ତୀ ଗ୍ରାମରୁ ଆସୁଥିବା ଚାଷୀ ମାନେ ନିରାଟ ଖରାରେ ବସି ପରିବା ବିକ୍ରି କରୁଛନ୍ତି, ଟୋପାଏ ପିଇବା ପାଣି ପାଇଁ ଛଟ ପଟ ହେଉଛନ୍ତି । ଏହି ବିଷୟରେ ଯୋଡ଼ା ପୌରପାଳିକା ଅବଗତ ଥାଇ ମଧ ଏହାକୁ କାର୍ଯ୍ୟକ୍ଷମ କରିବାରେ ପଛଘୁଞ୍ଚା ଦେଉଛି କାହିଁକି, ରାଜ୍ୟ ସରକାର ପିଇବା ପାଣି ପାଇଁ କେହିବି ଜଣେ ସୋଷରେ ନରହିବେ ବୋଲି ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏହାର ବିଡମ୍ବନା କେମିତି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ବିଜୟୀ ଭାରତ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ସଂସ୍କୃତିଧର୍ମୀ ପତ୍ରିକା ଅଭିନୟ ଜଗତ ତରଫରୁ ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ଅପରେସନ ସିନ୍ଦୁରକୁ ସମ୍ମାନ ଜଣାଇବା ପାଇଁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ' ବିଜୟୀ ଭାରତ ' ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଯୋଗଦେଇ ଭାରତର ବୀର ଯବାନ ମାନଙ୍କ ଜୟ ଗାନ କରିଥିବା ବେଳେ ବିଶିଷ୍ଟ ଅତିଥି ହୃଷିକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମର ଭୁୟସୀ ପ୍ରଶଂସା କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେ ପକାଇଥିଲେ । ବ୍ରହ୍ମପୁର ସାମ୍ବାଦିକ ସଙ୍ଘ ର ସଭାପତି ଅଶୋକ କୁମାର ବ୍ରହ୍ମା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଦେଶର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରିଥିଲେ ଏବଂ କଳିଙ୍ଗ ଟିଭି ର ଦକ୍ଷିଣାଞ୍ଚଳ ମୁଖ୍ୟ ପ୍ରକାଶ ପଟ୍ଟନାୟକ ଏବଂ ନାଳନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳି ଚରଣ ସାହୁ , ସାମ୍ବାଦିକ ସମୀର ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବିଜୟୀ ଭାରତ ଟିମକୁ ଅଭିନନ୍ଦନ ପ୍ରଦାନ କରିଥିଲେ । ଅଭିନୟ ଜଗତର ସମ୍ପାଦକ ଡ ମିହିର ତ୍ରିପାଠୀ ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ନୃତ୍ୟ ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର, ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଏବଂ ସାମ୍ବାଦିକ ସୁଦିପ ସାହୁ, ଲିଲି ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଦୈନିକ ସମାଜ ପତ୍ରିକାର ନବାଗତ ମୁଖ୍ୟ ସମ୍ପାଦକ ସୁଦର୍ଶନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହରର ବିଭିନ୍ନ ନୃତ୍ୟ ଅନୁଷ୍ଠାନର ଶିଳ୍ପୀ ମାନେ ଦଳଗତ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିବା ବେଳେ ସୁଦିପ ସାହୁ, ସାର୍ଥକ ପାଢ଼ୀ, ଅନନ୍ୟା ପାଢ଼ୀ ପ୍ରମୁଖ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ । ବାଲୁକା ଶିଳ୍ପୀ ସତ୍ୟ ମହାରଣା, ଜୋସ୍ନାରାଣୀ ପାଢ଼ୀ, ସନ୍ତୋଷ ତ୍ରିପାଠୀ, ତ୍ରିପତି ନାୟକ, ନବ କିଶୋର ମହାପାତ୍ର ସହଯୋଗ କରିଥିଲେ ।

## ଦଶମ ସିବିଏସ୍‌ଇ ପରୀକ୍ଷାରେ ଜୟନ୍ତଙ୍କ କୃତିତ୍ୱ

**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ସିବିଏସ୍‌ଇ ପରିଚାଳିତ ଦଶମ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଛି । ଏହି ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ପ୍ରଥମ କରି ପରୀକ୍ଷାର୍ଥୀମାନେ ଦଶମ ପରୀକ୍ଷା ଦେଇଥିଲେ । ଛାତ୍ର ଜୟନ୍ତ ମଲ୍ଲିକ ସର୍ବାଧିକ



୭୭ ପ୍ରତିଶତ, ମହମ୍ମଦ ଆସାଲାନ ସିଦ୍ଦିକି ୬୬ ପ୍ରତିଶତ ନମ୍ବର ରଖିଛନ୍ତି ଓ ସମୀର ପଟ୍ଟାୟତ ଏବଂ ପ୍ରଦୀପ ହେସା ଦିତୀୟ ଶ୍ରେଣୀରେ ପାସ କରିଛନ୍ତି । ବିଦ୍ୟାଳୟର ଦଶମ ଶ୍ରେଣୀର ପ୍ରଥମ ବ୍ୟାଚ୍ କୃତୀ ପରୀକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ ଅଜୟ କୁମାର ଦାଶ, ସମ୍ପାଦକ ଅବିନାଶ ଦାଶ ଓ ଅଧ୍ୟକ୍ଷ ଗଣେଶ୍ୱର ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

# ପୁରୁଣା ବ୍ରହ୍ମପୁର ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ର ଅନ୍ୟତମ ପୁରାତନ ଉଚ୍ଚ ବିଦ୍ୟାଳୟ ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ର ଚଳିତ ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ଦଶମୀ ଶ୍ରେଣୀ ପରୀକ୍ଷାରେ ୯୫ ପ୍ରତିଶତ ଉତ୍ତୀର୍ଣ୍ଣ ହାର ହୋଇଥିବାରୁ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଏହି ବିଦ୍ୟାଳୟରେ ଅଧିକାଂଶ ଛାତ୍ରଛାତ୍ରୀ ଆର୍ଥିକ ଅନଗ୍ରସର ସହ ବିଦ୍ୟାଳୟ ରେ ଶିକ୍ଷକ ଅଭାବ ସତ୍ତ୍ୱେ ମୋଟ ୪୫ ଜଣ ଙ୍କ ମଧ୍ୟରେ ୪୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଗ୍ରେଡ଼ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ର ୧୯୭୪ ମସିହା ମେଟ୍ରିକ୍ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରମିଳା କୁମାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିବାବେଳେ ଛାତ୍ର ସଂସଦ ର ଆବାହକ ନିରଞ୍ଜନ ମହାପାତ୍ର, ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ଉପଦେଷ୍ଟା ମହେନ୍ଦ୍ର ଅଗ୍ରୱାଲ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବେହେରା ଓ ଉପସଭାପତି ପ୍ରାଧାପକ ଶଙ୍କର ପ୍ରସାଦ ପାଢୀ ପ୍ରମୁଖ ମଞ୍ଚାସିନ୍ ହୋଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ । ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବଙ୍କ ସଂଯୋଜନା ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ୮୫ ପ୍ରତିଶତ ରଖିଥିବା ଆର୍ଥିକ ଅନଗ୍ରସର ପରିବାର ଛାତ୍ରୀ ଟିନା ନାୟକ ବିଦ୍ୟାଳୟ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ର ଏ. ଜନାର୍ଦ୍ଦନ ଓ ଛାତ୍ରୀ ପ୍ରତିଭା ପ୍ରିୟା କରାଡ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ରୁ ସଂସଦ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ରେ ଘୋର ଶିକ୍ଷକ ଅଭାବ ସତ୍ତ୍ୱେ ଛାତ୍ରଛାତ୍ରୀ ମାନେ ନିଷ୍ଠାର ସହ ଅକ୍ଳାନ୍ତ ପରିଶ୍ରମ କରି ୯୫ ପ୍ରତିଶତ ପାସ ହାର ରଖିଥିବା ରୁ ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନା ରେ ଅଂଶଗ୍ରହଣ କରି ସଞ୍ଚାସିନ କର୍ମକର୍ତ୍ତା ଏହି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ବିଶେଷ କରି ସମସ୍ତ ଶ୍ରେଣୀ ନିମନ୍ତେ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଏବଂ ବିଦ୍ୟାଳୟ କୋଠା ର ଉପର ମହଲା ଛାତ ବିପଦ ସଂକୁଳ ଅବସ୍ଥାରେ ଜରାଜୀର୍ଣ୍ଣ ହୋଇ ଖସି ପଡୁଥିବାରୁ ତାର ଯଥାଶୀଘ୍ର ମରାମତି ନିମନ୍ତେ କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦୃଢ଼ ମତ ପ୍ରକାଶ ପାଇଥିଲା । ଏବଂ ଏହି ବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବାକୁ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଧ ଆଲୋଚନା କରାଯାଇଥିଲା । ଏହି ସମ୍ବର୍ଦ୍ଧନା ପ୍ରଦାନ ସଭାରେ କୋଡିଏ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଗୀତାଞ୍ଜଳି ଦେବୀଙ୍କ ସମେତ ଛାତ୍ର ସଂସଦ ସଦସ୍ୟ ଏଲ୍ ନାଗେଶ୍ୱର ପାତ୍ର,ସନ୍ୟାସୀ ସେନାପତି, ବିଜୟ ମହାପାତ୍ର, ସୀମାଞ୍ଚଳ ସାହୁ,କେ. ଭୀମେଶ୍ୱର ରାଓ ପ୍ରମୁଖଙ୍କ ସମେତ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ଦାଣ୍ଡରେ ଆଉ ଶୁଭୁନାହିଁ କେନ୍ଦରାର ସ୍ୱର



**ଡେରାବିଶ (ଅମୃତ ମିଡିଆ):** ଦିନେ ଗାଁ ଦାଣ୍ଡରେ ମୁଖରିତ ହେଉଥିଲେ କେନ୍ଦରାର ସ୍ୱର । ରାତି ପାହିଲେ ପୁରାଣ ବର୍ଣ୍ଣିତ ଗୀତକୁ ବୋଲି ହାତରେ କେନ୍ଦରା ଓ କାନ୍ଧରେ ଲାଉଥାଳ ଧରି ଯୋଗୀଟିଏ ସୁନ୍ଦର ସ୍ୱରରେ ଗୀତ ବୋଲି ଗାଁ ଦାଣ୍ଡକୁ ମୁଖରିତ କରୁଥିଲେ । ଗାଁର ମହିଳାମାନେ ଯୋଗୀଟିଏ ଦେଖିଲେ ଅତି ଭକ୍ତିର ସହ ଚାଉଳ, ପନିପରିବା ଓ ଟଙ୍କା ଲାଉଥାଳରେ ଦେଇଥାନ୍ତି । ପରିବାର ମଙ୍ଗଳ ମନାସୀ ଯୋଗୀ ଜଣକ ପୁର୍ନବାର ଚାଲିଯାନ୍ତି ନିକଟସ୍ଥ ଘରକୁ । ମାତ୍ର ଆଧୁନିକତାର ଚାକଚକ୍ୟ ଓ ଯୋଗୀ ପରିବାରର ନୂତନ ଯୁବପୀଢ଼ି ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରି କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ମନବଳାଇବା ସହ, କୌଳିକ ବୃତ୍ତରୁ ଦୁରେଇ ଯାଉଥିବା ଏବେ ଦେଖିବାକୁ ମିଳୁଛି ବୋଲି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡ଼ା କହିଛନ୍ତି । ଏକ ଆଧ୍ୟାତ୍ମିକ ଚେତନା ସାଧାରଣ ଜାଗ୍ରତ କରିବା ପାଇଁ ଏବଂ ସମାଜକୁ ସୁବ୍ୟବସ୍ଥିତ କରିବାରେ କେନ୍ଦରା ଗୀତ ଯଥେଷ୍ଟ ସହାୟକ ହେଉଥିଲା ବୋଲି ଶିଶୁ ସାହିତ୍ୟକ ସୁଶାନ୍ତ କୁମାର ପାତ୍ର କହିଛନ୍ତି । ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ନୀଳିକଣା ଗ୍ରାମର ଶଙ୍କର ନାଥ ନିଜର କୌଳିକ ବୃତ୍ତିକୁ ରକ୍ଷା କରିବା ପାଇଁ ଏବେ ବି ଗାଁ ଦାଣ୍ଡରେ କେନ୍ଦରା ବଜାଇ ସୁଲଳିତ କଣ୍ଠରେ ଭଜନ ଗାଇ ଘରକୁ ଘର ବୁଲୁଥିବା ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ କହିଛନ୍ତି, ଲାଉଥାଳ ହେଉଛି ଶୁଭ ଥାଳ । ଏହି ଥାଳରେ ଚାଉଳ ଓ ଅନ୍ୟାନ୍ୟ ପନିପରିବା ଦାନ କଲେ ପରିବାର ମଙ୍ଗଳ ହୋଇଥାଏ । ଏଥି ସହିତ ସମାଜର କଲ୍ୟାଣ ପାଇଁ କେନ୍ଦରା ଗୀତ ବହୁ ପରିମାଣରେ ସହାୟକ ହୋଇଥାଏ । ପ୍ରାଚୀନ ସଂସ୍କୃତିର ନିର୍ଦ୍ଦେଶନ କେନ୍ଦରା ସଙ୍ଗୀତକୁ ପୁର୍ନଜୀବୀତ କରିବା ପାଇଁ ସରକାରୀସ୍ତରରେ ସବୁ ପ୍ରକାର ଉଦ୍ୟମ କରିବାକୁ ସାମାଜିକ କର୍ମୀ ଖଗେଶ୍ୱର ଲେଙ୍କା ଦାବି କରିଛନ୍ତି ।

# ତୁରନ୍ତ ଟିଟାନିୟମ କମ୍ପାନୀ କାର୍ଯ୍ୟକ୍ଷମ ଦାବି



**ଛତ୍ରପୁର (ଅମୃତ ମିଡିଆ):** ନଭେମ୍ବର ୫ ତାରିଖରୁ ଛତ୍ରପୁର ଉପକଣ୍ଠ ସରାଫ ଏଜେନ୍ସି ପ୍ରାଇଭେଟ ଲିମିଟେଡ ସଂସ୍ଥା (ଟିଟାନିୟମ) କର୍ମଚାରୀମାନଙ୍କୁ ଅସ୍ଥାୟୀ ବିରତି କରିଛି । ଦିର୍ଘ ମାସ ହେଲା କମ୍ପାନୀର ଉତ୍ପାଦ ଅର୍ଡର ନଥିବାରୁ ମାର୍ଚ୍ଚ ୨୦୨୫ ବେଳକୁ ଏହାର ସ୍ଥିତି ସୁଧାର ଆସିବ ବୋଲି ସେହି ସମୟରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା । ଯାହା ଫଳରେ ସେହି ସମୟରେ ନିୟୋଜିତ ଶ୍ରମିକ ମାନେ ରାଜି ହୋଇଥିଲେ । କିନ୍ତୁ ମାର୍ଚ୍ଚ ଯାଇ ଏବେ ମେ ସରିବାକୁ ଗଲାଣି ଅଥଚ କମ୍ପାନୀ କାମ ଚଲାଇବାକୁ ଉଦ୍ୟମ ନକରି ବନ୍ଦ କରି ରଖିଛି,ଯାହାଫଳରେ ଏହି କମ୍ପାନୀ ଉପରେ ନିର୍ଭର କରି ଚଳୁଥିବା ଶତାଧିକ ଶ୍ରମିକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏନେଇ ଟିଟାନିୟମ ଏମ୍ପଲୟର ୟୁନିୟନ ପକ୍ଷରୁ ବହୁ ଶ୍ରମିକମାନେ ଗଞ୍ଜାମ ଜିଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି । ଏହି କମ୍ପାନୀ ନିର୍ମାଣ ସମୟରେ ବହୁ ଲୋକ ଜମି ଦେଇଥିଲେ । କିନ୍ତୁ କମ୍ପାନୀ ଆମକୁ ଠକୁଥିବା କହିଥିଲେ । ଏବେ ଭୁ ବିସ୍ଥାପିତ ପରିବାର ଓ କମ୍ପାନୀ ରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସମସ୍ୟା ଏବେ ଦୁଇ ଗୁଣିତ ହୋଇଯାଇଛି । ତୁରନ୍ତ ଜିଲାପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଦାବୀ ହୋଇଛି । ଏପରିକି ଏହି ୟୁନିଅନ ପକ୍ଷରୁ ମାର୍ଚ୍ଚ ୨୭ ମଧ ଜିଲାପାଳଙ୍କ ଭେଟି କମ୍ପାନୀ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆସନ୍ତା ୫ ଦିନ ମଧ୍ୟରେ କେଉଁ ଦିନ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ତାରିଖ ଧାର୍ଯ୍ୟ ନକରିବେ ସମସ୍ତ କର୍ମଚାରୀ ଓ ଭୁ ବିସ୍ଥାପିତ ପରିବାର କମ୍ପାନୀ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିବୁ ବୋଲି ସ୍ମାରକ ପତ୍ରରେ ଉଲେଖ କରିଛନ୍ତି । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ୟୁନିଅନ ସଭାପତି ଆର.ଦପାଣି ରେଡି,ସଂପାଦକ ଶଙ୍କର ବେହେରାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।